**ଓଡିଶା ସରକାର**
**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ**

****

## ଅଧିସୂଚନା

ନଂ ୩୦୬୬୯/ଏସଏମଇ, ତା ୦୬.୧୨.୨୦୨୪

**ଏସଏମଇ - ଇଏଲ୨ - ଇଏଲ୨- ୦୦୧୯-୨୦୨୪**

ରାଜ୍ୟର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନ ପ୍ରାପ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ (ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ) ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କର ପୋଷଣ ସ୍ଥିତିରେ ସୁଧାର ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଯୋଜିତ **"ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା"** କାର୍ଯ୍ୟକ୍ରମ ପ୍ରଚଳନ କରାଯାଉଅଛି । ଏହି ଯୋଜନା ପ୍ରଚଳନ ନିମନ୍ତେ ରାଜ୍ୟର ଉକ୍ତ ବିଦ୍ୟାଳୟଗୁଡିକରେ ପାଚିକାମାନଙ୍କୁ ନିୟୋଜିତ କରାଯାଇଅଛି । ଉକ୍ତ ପାଚିକାମାନଙ୍କୁ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ପାଇଁ ଉଦ୍ଦିଷ୍ଟ ଅର୍ଥ ମଧ୍ୟରୁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ହାରରେ ପାରିତୋଷିକ ଦିଆଯାଇଥାଏ। ପାଚିକାମାନଙ୍କର ଚାକିରି କାଳ ମଧ୍ୟରେ ଅକାଳ ବିୟୋଗ ପରେ ସେମାନଙ୍କ ସାମାଜିକ ସୁରକ୍ଷା ନିମନ୍ତେ ଏକ ପ୍ରସ୍ତାବ ସରକାରଙ୍କ ବିଚାରାଧିନ ଥିଲା ।

ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ଅଧିନସ୍ଥ କାର୍ଯ୍ୟରତ ପାଚିକାମାନଙ୍କ ପାଇଁ ଚାକିରୀ ସମୟରେ ମୃତ୍ୟୁକାଳୀନ ସାହାଯ୍ୟ ଆକାରରେ **"ଏକ ଲକ୍ଷ"** ଟଙ୍କା ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହି ନୂତନ ବ୍ୟବସ୍ଥାର ସବିଶେଷ ବିବରଣୀ ଏବଂ ଏଥିପାଇଁ ଆବେଦନ କରିବାର ପ୍ରଣାଳୀ ନିମ୍ନରେ ପ୍ରଦାନ କରାଗଲା ।

### ୧. ବ୍ୟବସ୍ଥା

ଏହି ବ୍ୟବସ୍ଥାକୁ **"ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନାରେ କାର୍ଯ୍ୟରତ ପାଚିକାମାନଙ୍କ ଅକାଳ ବିୟୋଗରେ ଆର୍ଥିକ ଅନୁଦାନ"** ବୋଲି କୁହାଯିବ ।

### ୨. ଅନୁଦାନ ରାଶି

ଅନୁଦାନ ରାଶିର ପରିମାଣ ଟ ୧,୦୦,୦୦୦/- (ଏକ ଲକ୍ଷ ଟଙ୍କା) ଅଟେ ।

### ୩. ବ୍ୟବସ୍ଥାର ହିତାଧିକାରୀ

ଏହି ବ୍ୟବସ୍ଥା ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ଅଧିନସ୍ଥ କାର୍ଯ୍ୟରତ ସମସ୍ତ ପାଚିକାମାନଙ୍କର କେବଳ ଚାକିରିକାଳ ମଧ୍ୟରେ ମୃତ୍ୟୁ ହୋଇଥିଲେ ତାଙ୍କ ପରିବାର ସଦସ୍ୟମାନଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

### ୪. ଦାବିଦାର

ମୃତ ପାଚିକାଙ୍କ ସ୍ୱାମୀ ବା ତାଙ୍କ ଉତ୍ତରାଧିକାରୀମାନେ ।

ସଂଗ୍ରାମ
୬.୧୨.୨୦୨୪

**୫. <u>ଅନୁଦାନ ପାଇବା ପାଇଁ ଆବଶ୍ୟକ କାଗଜପତ୍ର</u>**

**(କ)** ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ମୃତ ପାଚିକାଙ୍କ ମୃତ୍ୟୁ ପ୍ରମାଣପତ୍ରର ନକଲ

**(ଖ)** ସଂପୃକ୍ତ ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ ମୃତ ପାଚିକାଙ୍କ ଉତ୍ତରାଧିକାରୀ ପ୍ରମାଣପତ୍ରର ନକଲ

**(ଗ)** ମୃତ ପାଚିକାଙ୍କ ଆଧାର କାର୍ଡର ନକଲ

**(ଘ)** ଦାବିଦାରଙ୍କ ଆଧାର କାର୍ଡର ନକଲ

**(ଙ)** ଦାବିଦାରଙ୍କ ବ୍ୟାଙ୍କ ଖାତାର ପ୍ରଥମ ପୃଷ୍ଠାର ନକଲ

**(ଚ)** ପାଚିକାଙ୍କ ମୃତ୍ୟୁ ସମୟରେ କାର୍ଯ୍ୟ କରୁଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଠାରୁ ଆବଶ୍ୟକ ସୁପାରିଶ

**୬. <u>ଅନୁଦାନ ଦେବାର ପଦ୍ଧତି</u>**

ଉକ୍ତ ଅନୁଦାନ ଦାବିଦାରଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ RTGS/NEFT ଜରିଆରେ ପ୍ରେରଣ କରାଯିବ ।

**୭. <u>ଅନୁଦାନ ପାଇଁ ଦରଖାସ୍ତ କରିବାର ପ୍ରଣାଳୀ</u>**

**(କ)** ମୃତ ପାଚିକାଙ୍କ ସ୍ୱାମୀ ବା ତାଙ୍କର ଜଣେକେହି ଉତ୍ତରାଧିକାରୀ, ନିର୍ଦ୍ଦିଷ୍ଟ ଆବେଦନ ପତ୍ର (ସଂଲଗ୍ନକ–'କ')କୁ ସଠିକ ଭାବରେ ପୂରଣ କରି ଏହାସହିତ ପାରା-୫ ରେ କୁହାଯାଇଥିବା ଆବଶ୍ୟକ ଦସ୍ତାବିଜ ସହିତ ସଂପୃକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରିବେ। ଯେଉଁ ପାଚିକାଙ୍କ ସ୍ୱାମୀଙ୍କ ବ୍ୟତୀତ ଅନ୍ୟ କୌଣସି ଉତ୍ତରାଧିକାରୀ ଅନୁଦାନ ପାଇଁ ଆବେଦନ କରନ୍ତି, ତେବେ ସେ ଏଥିନିମନ୍ତେ ଅନ୍ୟ ଉତ୍ତରାଧିକାରୀମାନଙ୍କ ଠାରୁ କୌଣସି ଆପତ୍ତି ନଥିବା ବିଷୟରେ ଏକ ଆଫିଡେଭିଟ (Affidavit) ଦରଖାସ୍ତ ସହ ସଂଲଗ୍ନ କରିବାକୁ ହେବ ।

**(ଖ)** ଦାବିଦାରଙ୍କଠାରୁ ଆବେଦନ ଗ୍ରହଣ କରିବାପରେ ଗୋଷ୍ଠି ଶିକ୍ଷା ଅଧିକାରୀ ଆବେଦନଟିକୁ ଯାଞ୍ଚ କରି ସଂପୃକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣର ରାଜ୍ୟ ଭାରପ୍ରାପ୍ତ ଅଧିକାରୀଙ୍କ ନିକଟକୁ ପ୍ରେରଣ କରିବେ।

**(ଗ)** ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣର ରାଜ୍ୟ ଭାରପ୍ରାପ୍ତ ଅଧିକାରୀ ଦରଖାସ୍ତଟିକୁ ପାଇବାପରେ ଏହାକୁ ପୁଙ୍ଖାନୁପୁଙ୍ଖ ତର୍ଜମାକରି ଯୋଗ୍ୟ ଦାବିଦାରଙ୍କ ସପକ୍ଷରେ ଆବଶ୍ୟକ ଅନୁଦାନ, ତାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପ୍ରେରଣ କରିବେ।

ସଂଗ୍ରାମ
୧.୧୨.୨୦୨୪

୮. <u>ଅନୁଦାନର ଉତ୍ସ</u>

ଉକ୍ତ ଅନୁଦାନ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ପାଇଁ ଉଦ୍ଦିଷ୍ଟ ବଜେଟର ରାଜ୍ୟ ସମର୍ଥନ (State Support Component)ରୁ ବହନ କରାଯିବ।

୯. <u>ବ୍ୟବସ୍ଥାର କାର୍ଯ୍ୟକାରିତା</u>

ଉକ୍ତ ବ୍ୟବସ୍ଥା ରାଜ୍ୟ ସରକାରଙ୍କଦ୍ୱାରା ଏହି ଅଧିସୂଚନା ଜାରିହେବା ଦିନଠାରୁ କାର୍ଯ୍ୟକାରୀ ହେବ।

**ଆଦେଶ** – ଏହି ଅଧିସୂଚନାଟି ରାଜ୍ୟର ଅସାଧାରଣ ଗେଜେଟ (Extraordinary Gazette)ରେ ପ୍ରକାଶ କରାଯିବ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**

ଶାଲିନୀ ପଣ୍ଡିତ

**କମିଶନର ତଥା ଶାସନ ସଚିବ**

**ଜ୍ଞାପକ ସଂଖ୍ୟା-** ୩୦୩୩୨ **/ବିଗବି, ତାରିଖ-** ୦୩.୧୨.୨୦୨୪

ଏହାର ଏକାକିତା ନକଲ ଓଡିଶା ଗେଜେଟ୍ ସେଲର ଭାରପ୍ରାପ୍ତ ଅଧିକାରୀ, ବାଣିଜ୍ୟ ଓ ପରିବହନ(ବାଣିଜ୍ୟ)ବିଭାଗଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତାଙ୍କୁ ଏହି ଅନୁରୋଧ ଯେ ସେ ଏହି ଅଧିସୂଚନାଟିକୁ ଅସାଧାରଣ ଗେଜେଟର ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ କରି ଏହାର ୧୦୦ କିତା ନକଲ ଏହି ବିଭାଗକୁ ପ୍ରେରଣ କରିବେ।

ସଂଗ୍ରାମ ୩.୧୨.୨୦୨୪

**ଅତିରିକ୍ତ ଶାସନ ସଚିବ**

**ଜ୍ଞାପକ ସଂଖ୍ୟା-** ୩୦୩୩୩ **/ବିଗବି, ତାରିଖ-** ୦୩.୧୨.୨୦୨୪

ଏହାର ଏକକିତା ନକଲ ଅନୁଶାସନ ସଚିବ, ବିଦ୍ୟାଳୟ ଶିକ୍ଷା ଏବଂ ସ୍ୱାକ୍ଷରତା ବିଭାଗ(ପିଏମ ପୋଷଣ), ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର, ୧୧୬,"ସି", ଶାସ୍ତ୍ରୀ ଭବନ, ନୂଆଦିଲ୍ଲୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସଂଗ୍ରାମ ୩.୧୨.୨୦୨୪

**ଅତିରିକ୍ତ ଶାସନ ସଚିବ**

**ଜ୍ଞାପକ ସଂଖ୍ୟା-** ୩୦୩୩୪ **/ବିଗବି, ତାରିଖ-** ୦୩.୧୨.୨୦୨୪

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ/ ସମସ୍ତ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସଂଗ୍ରାମ ୩.୧୨.୨୦୨୪

**ଅତିରିକ୍ତ ଶାସନ ସଚିବ**

**ଜ୍ଞାପକ ସଂଖ୍ୟା-** ୩୦୩୩୫ **/ ବିଗବି, ତାରିଖ-** ୦୩.୧୨.୨୦୨୪

ଏହାର ଏକକିତା ନକଲ ଅର୍ଥ ବିଭାଗ / ଯୋଜନା ଓ ସଂଯୋଜନ ବିଭାଗଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଂଗ୍ରାମ ୩.୧୨.୨୦୨୪

**ଅତିରିକ୍ତ ଶାସନ ସଚିବ**

**ଜ୍ଞାପକ ସଂଖ୍ୟା-** ୩୦୩୩୨ **/ ବିଗବି, ତାରିଖ-** ୦୩.୧୨.୨୦୨୪

ଏହାର ଏକକିତା ନକଲ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣର ରାଜ୍ୟ ଭାରପ୍ରାପ୍ତ ଅଧିକାରୀ, ଭୁବନେଶ୍ୱର/ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଥିବା ସମସ୍ତ ନିର୍ଦ୍ଦେଶକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସଂଗ୍ରାମ
୩.୧୨.୨୦୨୪

**ଅତିରିକ୍ତ ଶାସନ ସଚିବ**

**ଜ୍ଞାପକ ସଂଖ୍ୟା-** ୩୦୩୩୩ **/ ବିଗବି, ତାରିଖ-** ୦୩.୧୨.୨୦୨୪

ଏହାର ଏକକିତା ନକଲ ମାନ୍ୟବର ମୁଖ୍ୟମନ୍ତ୍ରୀ/ ମାନ୍ୟବର ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା/ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବଙ୍କ ଅବଗତି ନିମନ୍ତେ ଯଥାକ୍ରମେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ/ ମାନ୍ୟବର ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷାଙ୍କ ବ୍ୟକ୍ତିଗତ ସଚିବ/ କମିସନର ତଥା ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବଙ୍କ ନିକଟକୁ ପ୍ରେରଣ କରାଗଲା ।

ସଂଗ୍ରାମ
୩.୧୨.୨୦୨୪

**ଅତିରିକ୍ତ ଶାସନ ସଚିବ**

**ଜ୍ଞାପକ ସଂଖ୍ୟା-** ୩୦୩୩୫ **/ ବିଗବି, ତାରିଖ-** ୦୩.୧୨.୨୦୨୪

ଏହାର ଏକକିତା ନକଲ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମସ୍ତ ଅଧିକାରୀ / ସମସ୍ତ ଉପ ବିଭାଗର ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାଦ୍ୱାରା କମ୍ପ୍ୟୁଟର ସେଲକୁ ଅନୁରୋଧ କରାଯାଉଅଛି ଯେ ଏହି ଅଧିସୂଚନାଟିକୁ ଯଥାଶୀଘ୍ର ବିଭାଗର ୱେବସାଇଟରେ ଅପଲୋଡ କରିବେ ।

ସଂଗ୍ରାମ
୩.୧୨.୨୦୨୪

**ଅତିରିକ୍ତ ଶାସନ ସଚିବ**

**ସଂଲଗ୍ନକ – 'କ'**

## <u>ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ଅଧିନରେ କାର୍ଯ୍ୟରତ ପାଚିକାଙ୍କ ମୃତ୍ୟୁ ପରେ ଆର୍ଥିକ ଅନୁଦାନ ପାଇଁ ଆବେଦନ ପତ୍ର</u>

ଗୋଷ୍ଠି ଶିକ୍ଷା ଅଧିକାରୀ, ___________

ମହାଶୟ/ମହଶୟା ,

ମୁଁ /ଆମ୍ଭେ, _____________ଜିଲ୍ଲା ଅନ୍ତର୍ଗତ _____________ ଗୋଷ୍ଠି ଶିକ୍ଷା ଅଧିକାରୀ ଅଧିନସ୍ଥ_________________________ବିଦ୍ୟାଳୟର ମୃତ ପାଚିକା କୁମାରୀ/ଶ୍ରୀମତୀ ______________________________ଙ୍କର ସ୍ୱାମୀ/ ଉତ୍ତରାଧିକାରୀ ଆବଶ୍ୟକ ଅନୁଦାନ ନିମନ୍ତେ ଏହିଠାରେ ଦରଖାସ୍ତ କରୁଅଛି ।

୧. ମୃତ ପାଚିକାଙ୍କ ନାମ :-

୨. ମୃତ ପାଚିକାଙ୍କ ଜନ୍ମ ତାରିଖ :-

୩. ମୃତ ପାଚିକାଙ୍କ ଆଧାର କାର୍ଡ ନଂ :-

୪. ବିଦ୍ୟାଳୟରେ ପାଚିକାଙ୍କ ନିୟୋଜନ ତାରିଖ :-

୫. ପାଚିକାଙ୍କ ମୃତ୍ୟୁ ତାରିଖ :-

୬. ମୃତ୍ୟୁର କାରଣ :-

୭. ସଂପୃକ୍ତ ତହସିଲଦାରଙ୍କ ଦ୍ୱାରା ପ୍ରଦତ ଉତ୍ତରାଧିକାରୀ ପ୍ରମାଣପତ୍ର ଅନୁଯାୟୀ ସମସ୍ତ ଉତ୍ତରାଧିକାରୀଙ୍କ ନାମ :-

୮. ଦରଖାସ୍ତକାରୀଙ୍କ ନାମ :-

୯. ମୃତ ପାଚିକାଙ୍କ ସହିତ ସମ୍ପର୍କ :-

୧୦. ଦରଖାସ୍ତକାରୀଙ୍କ ଠିକଣା :-

୧୧. ଦାବିଦାରଙ୍କ ବ୍ୟାଙ୍କ ଖାତାର ସମ୍ପୂର୍ଣ ବିବରଣୀ :-

**ଦରଖାସ୍ତକାରିଙ୍କ ଦସ୍ତଖତ**

**<u>ସୁପାରିଶ କରାଗଲା</u>**

**ମୃତ ପାଚିକା ମୃତ୍ୟୁ ପୂର୍ବରୁ କାର୍ଯ୍ୟ କରୁଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀଙ୍କ ଦସ୍ତଖତ**